# NATIONAL NEWS BULLETIN (ODIA)

## 27 September - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ଦର ବୃଦ୍ଧି କଲେ କେନ୍ଦ୍ର ସରକାର ।

- ଆଧାର ଏବଂ ପ୍ୟାନ୍ ତଥ୍ୟ ପ୍ରଘଟ କରୁଥିବା ଅଭିଯୋଗରେ କେତେକ ୱେବ୍‌ସାଇଟ୍‌କୁ ବନ୍ଦ କଲେ ଭାରତ ସରକାର ।

- ପର୍ଯ୍ୟଟନ ମାଧ୍ୟମରେ ଲୋକମାନଙ୍କୁ ଯୋଡ଼ିବା ନିମନ୍ତେ ଆଜି ପାଳିତ ହେଉଛି ବିଶ୍ୱ ପର୍ଯ୍ୟଟନ ଦିବସ ।

- ଇସ୍ରାଏଲ୍ ଆକ୍ରମଣରେ ହିଜବୁଲ୍ଲାର ଶୀର୍ଷ କମାଣ୍ଡର ମୃତ ।

ଏବଂ

● ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ କାନ୍‌ପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଆଜି ମୁହାଁମୁହିଁ ହେବେ ଭାରତ ଓ ବାଂଲାଦେଶ ।

## କେନ୍ଦ୍ର ସରକାର-ନ୍ୟୁନତମ ବେତନ

କେନ୍ଦ୍ର ସରକାର ମହଙ୍ଗାଭତ୍ତାରେ ସଂଶୋଦନ କରି ସର୍ବନିମ୍ନ ମଜୁରୀ ଦର ବୃଦ୍ଧି କରିଛନ୍ତି । ଏହା ଆସନ୍ତା ଅକ୍ଟୋବର ପହିଲାରୁ ଲାଗୁ ହେବ । ଏଥିରେ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଅଧିକ କୁଶଳୀ ଶ୍ରେଣୀର ଶ୍ରମିକମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି । ସଂଶୋଧନ ପରେ ଅଣକୁଶଳୀ ଶ୍ରମିକମାନେ ଦୈନିକ ୭୮୩ ଟଙ୍କା ପାଇବେ । ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକ ଦୈନିକ ୮୬୮ ଟଙ୍କା, କୁଶଳୀ ଶ୍ରମିକ ୯୫୪ ଟଙ୍କା ଏବଂ ଅଧିକ କୁଶଳୀ ଶ୍ରମିକ ଦୈନିକ ୧ହଜାର ୩୫ ଟଙ୍କା ମଜୁରୀ ପାଇବେ ।

## ୱେବ୍‌ସାଇଟ୍ ବ୍ଲକ୍‌ଡ

ଇଣ୍ଟରନେଟ୍‌ରେ ନାଗରୀକମାନଙ୍କ ଆଧାର ଏବଂ ପ୍ୟାନ୍ ସମ୍ପର୍କୀତ ସୂଚନା ଲିକ୍ କରୁଥିବା କେତେକ ୱେବ୍‌ସାଇଟ୍‌କୁ ଭାରତ ସରକାର ବନ୍ଦ କରିଦେଇଛନ୍ତି । କେନ୍ଦ୍ର ଇଲେକ୍ଟ୍ରୋନିକ୍ ଏବଂ ଆଇ.ଟି. ମନ୍ତ୍ରଣାଳୟ ପକ୍ଷରୁ ଆଧାର-ପ୍ୟାନ୍ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପ୍ରକାଶ କରୁଥିବା କେତେକ ୱେବ୍‌ସାଇଟ୍‌କୁ ଚିହ୍ନଟ କରାଯାଇଛି । ଏ ନେଇ ଆଧାର ପ୍ରାଧିକୃତ ସଂସ୍ଥା ପକ୍ଷରୁ ଅଭିଯୋଗ କରାଯିବା ପରେ ଏଭଳି ପଦକ୍ଷେପ

ଗ୍ରହଣ କରାଯାଇଛି । ସ୍ୱତନ୍ତ୍ର ନିୟମ ଅନୁଯାୟୀ ଆଧାର ଓ ପ୍ୟାନ୍ ସମ୍ପର୍କିତ ତଥ୍ୟ ପ୍ରଘଟ କରିବା ଦଣ୍ଡନୀୟ । ତେବେ ଏହି ତଥ୍ୟ ପ୍ରଦର୍ଶନ କରୁଥିବା ୱେବ୍‌ସାଇଟ୍‌ର ପରିଚାଳକମାନଙ୍କୁ ଆବଶ୍ୟକ ପରିବର୍ତ୍ତନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

## ଏନ୍.ଆଇ.ଏ.-ଆରେଷ୍ଟ

ରାଷ୍ଟ୍ରୀୟ ତଦନ୍ତକାରୀ ସଂସ୍ଥା – ଏନ୍.ଆଇ.ଏ. ଆସାମର ଅନେକ ସ୍ଥାନରେ ବିସ୍ଫୋଟକ ରଖିବା ଅଭିଯୋଗରେ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ଆସାମ ଉଲ୍‌ଫା ଆଇ.ର ମୁଖ୍ୟ ଅଭିଯୁକ୍ତକୁ ଗିରଫ୍ କରିଛି । ଏନ୍.ଆଇ.ଏ. ପକ୍ଷରୁ ଜାରି ବୟାନ ଅନୁଯାୟୀ ଅଭିଯୁକ୍ତ ଗୌତମ ବରୁଆଙ୍କୁ ବେଙ୍ଗାଲୁରୁରୁ ଗିରଫ୍ କରାଯାଇଛି । ସେ ବେଙ୍ଗାଲୁରୁରେ ଲୁଚି ରହିଥିଲା । ଏନ୍.ଆଇ.ଏ. କହିଛି, ଅଭିଯୁକ୍ତ ଜଣକ ଉଲଫା ଆଇ.ର କାର୍ଯ୍ୟକଳାପରେ ସାମିଲ ଥିଲା । ସଂଗଠନର ବରିଷ୍ଠ ସଦସ୍ୟଙ୍କ ନିର୍ଦ୍ଦେଶ କ୍ରମେ ସେ ଆସାମର ଉତ୍ତର ଲକ୍ଷ୍ମୀପୁର ଜିଲ୍ଲାରେ ବିସ୍ଫୋଟକ ରଖିଥିଲା । ଗିରଫ୍‌ଦାରି ପରେ ଗୌତମ ବରୁଆଙ୍କୁ ସ୍ୱତନ୍ତ୍ର ଏନ୍.ଆଇ.ଏ. ଅଦାଲତରେ ହାଜର କରାଯିବା ପରେ ଅଦାଲତ ତାଙ୍କୁ ନ୍ୟାୟିକ ହେପାଜତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଆର୍.ବି.ଆଇ.-ଡବ୍ଲୁ.ଏମ୍.ଏ.

କେନ୍ଦ୍ର ସରକାରଙ୍କ ପରାମର୍ଶ ଅନୁଯାୟୀ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ୬ ମାସ ନିମନ୍ତେ ଓ୍ୱେଜ୍ ଆଣ୍ଡ ମିନ୍ସ ଅଗ୍ରୀମ ସୀମା ୫୦ ହଜାର କୋଟି ଟଙ୍କା ସ୍ଥିର କରାଯାଇଛି । ଏହି ସୀମା ଚଳିତ ବର୍ଷ ଅକ୍ଟୋବରରୁ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ବଳବତ୍ତର ରହିବ । ସରକାରଙ୍କ ଦ୍ୱାରା ଏହାର ୭୫ ପ୍ରତିଶତ ବିନିଯୋଗ କରିବା ପରେ ନୂଆ ଋଣ ପ୍ରଦାନ କରାଯିବ । ତେବେ ସାମ୍ପ୍ରତିକ ପରିସ୍ଥିତିର ଆକଳନ କରି ଏଥିରେ ସଂଶୋଧନ କରାଯିବା ବ୍ୟବସ୍ଥା ରହିଛି ।

## ବିଶ୍ୱ ପର୍ଯ୍ୟଟନ ଦିବସ

ପର୍ଯ୍ୟଟନ ମାଧମରେ ଲୋକମାନଙ୍କୁ ଯୋଡ଼ିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ନିମନ୍ତେ ପ୍ରତ୍ୟେକ ବର୍ଷ ଆଜିର ଦିନରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପର୍ଯ୍ୟଟନ ଏବଂ ଶାନ୍ତି' । ପର୍ଯ୍ୟଟନ ଶିଳ୍ପକୁ ଭବିଷ୍ୟତ ପିଢ଼ି ପାଇଁ ସୁଖଦ ଏବଂ  ଗ୍ରହଣୀୟ କରିବା ଲାଗି ଏହି ଦିବସର ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଆଜି ନୂଆଦିଲ୍ଲୀରେ ଏହି ଦିବସ ପାଳନ କରିବ । ଏଥିରେ ବିଶ୍ୱ ଶାନ୍ତି ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆୟୋଜିତ ହେବାକୁ ଥିବା ଉତ୍ସବରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ

ମନ୍ତ୍ରଣାଳୟ ପକ୍ଷରୁ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ବିଜେତାଙ୍କ ନାମ ଘୋଷଣା କରାଯିବ ।

## ହିଜବୁଲ୍ଲା-ଡେଥ୍

ଲେବାନନ୍‌ର ରାଜଧାନୀ ବେରୁଟ୍‌ରେ ଗତକାଲି ଇସ୍ରାଏଲ୍‌ର ଆକ୍ରମଣରେ ହିଜବୁଲ୍ଲାର ଶୀର୍ଷ କମାଣ୍ଡର ମହମ୍ମଦ ହୁସେନ ସ୍ରୁରର ମୃତ୍ୟୁ ଘଟିଛି । ଇସ୍ରାଏଲ୍ ସେନା ଏହି ବିଷୟ  ସୂଚନା ଦେଇ କହିଛି, ସମ୍ପୃକ୍ତ କମାଣ୍ଡର ରହୁଥିବା କୋଠା ଉପରେ ବିସ୍ଫୋଟକ ବୋଝେଇ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ତାର ମୃତ୍ୟୁ ଘଟିଛି ।

## ଇସ୍ରାଏଲ୍-ଗାଜା

ଉତ୍ତର ଗାଜାର ବିସ୍ଥାପିତ ଲୋକ ରହୁଥିବା ଅଞ୍ଚଳର ଏକ ବିଦ୍ୟାଳୟ ଉପରେ ଇସ୍ରାଏଲ୍ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ମୃତକଙ୍କ ମଧ୍ୟରେ ମହିଳା ଏବଂ ଶିଶୁମାନେ ସାମିଲ ଅଛନ୍ତି । ଗୁରୁବାର ଦିନ ଗାଜାର ନାଗରୀକ ସୁରକ୍ଷା ସଂଗଠନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍ ବିମାନ ଜବାଲିୟା ଶରଣାର୍ଥୀ ଶିବିର ନିକଟରେ ଥିବା ଅଲ୍ ଫଲୁଜା ବିଦ୍ୟାଳୟ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା । ସେଠାକାର ଚିକିତ୍ସା ବିଭାଗ ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୧୦ ଜଣ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗାଜା ସ୍ଥିତ

ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ଇସ୍ରାଏଲ୍ ଆକ୍ରମଣରେ ଏ ପର୍ଯ୍ୟନ୍ତ ପାଲେଷ୍ଟାଇନ୍‌ରେ ମୃତ୍ୟୁ ସଂଖ୍ୟା ୪୧ ହଜାର ୫୩୪କୁ ବୃଦ୍ଧି ପାଇଛି ।

## ଝାଡ଼ଖଣ୍ଡ–କୃଷି ଋଣ

ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ପୂର୍ବରୁ ହେମନ୍ତ ସୋରେନ୍ ସରକାର ୧ଲକ୍ଷ ୭୬ ହଜାର ୯୭୭ ଜଣ କୃଷକଙ୍କୁ ୪୦୦ କୋଟି ୬୬ ଲକ୍ଷ ଟଙ୍କାର କୃଷି ଋଣ ଛାଡ଼ କରିଛନ୍ତି । ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ମାଧ୍ୟମରେ ଏହି ଋଣ ଛାଡ଼ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି, କୃଷକମାନଙ୍କୁ ଅନେକ ଗୁଡ଼ିଏ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଏବଂ କୃଷି କ୍ଷେତ୍ର ମଧ୍ୟ ଏଥିଯୋଗୁଁ ପ୍ରଭାବିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି, ଝାଡ଼ଖଣ୍ଡର ୮୦ ପ୍ରତିଶତ ଜନସାଧାରଣ ଗ୍ରାମାଞ୍ଚଳରେ ବସବାସ କରନ୍ତି ଏବଂ ଜୀବିକା ପାଇଁ କୃଷି କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ସେ କହିଛନ୍ତି, ଖଣିଜ ଏବଂ ଜଙ୍ଗଲ ସମ୍ପଦରେ ଭରପୁର ଥିଲେ ମଧ୍ୟ ଝାଡ଼ଖଣ୍ଡ ଏକ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି ।

## ପ୍ରହଲାଦ ଯୋଶୀ

ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଭାରତ ଇଥାନଲ କ୍ଷେତ୍ରରେ ପୃଥିବୀର ତୃତୀୟ ବୃହତ ଉତ୍ପାଦକ ଏବଂ

ଉପଭୋକ୍ତା ଭାବେ ପରିଗଣିତ ହୋଇଛି । ଗତକାଲି ନୂଆଦିଲ୍ଲୀରେ ଦୁଇ ଦିନିଆ ଭାରତ-ଚିନି ଜୈବ ଶକ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଯୋଶୀ କହିଛନ୍ତି, ଭାରତ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସେ କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ୧୮ ପ୍ରତିଶତ ଆଖୁ ଚାଷ ବୃଦ୍ଧି ପାଇଛି, ଫଳରେ ଉତ୍ପାଦନ ମଧ୍ୟ ୪୦ ପ୍ରତିଶତ ଅଧିକ ହୋଇଛି । ନବୀକରଣୀୟ ଶକ୍ତି ଦୃଶ୍ୟପଟ୍ଟରେ କୃଷକମାନେ କେବଳ ଅନ୍ନଦାତାର ଭୂମିକା ନିର୍ବାହ କରୁନାହାନ୍ତି ବରଂ ସେମାନେ ଶକ୍ତିଦାତା ଭାବରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ସେ କହିଛନ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ, ଏହାର ବ୍ୟବହାର ଏବଂ ରପ୍ତାନୀ ଉଦ୍ଦେଶ୍ୟରେ ଭାରତକୁ ଏକ  ଆନ୍ତର୍ଜାତିକ କେନ୍ଦ୍ର ଭାବରେ ପରିଣତ କରିବା ଉଦ୍ଦେଶ୍ୟରେ ଗତବର୍ଷ ୧୯ ହଜାର ୭୪୪ କୋଟି ଟଙ୍କାର ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଆରମ୍ଭ କରାଯାଇଛି ।

## ଚୀନ୍-ଇକୋନମି

ଚଳିତ ବର୍ଷ ଚୀନ୍ ୨୮ ହଜାର ୪୦୦ କୋଟିରୁ ଅଧିକ ଟଙ୍କାର ସ୍ୱତନ୍ତ୍ର ସଭରେନ୍ ବଣ୍ଡ୍ ଜାରି କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛି । ସେଠାରେ ଦେଖାଦେଇଥିବା ଆର୍ଥିକ ପରିସ୍ଥିତିର ମୁକାବିଲା କରିବା ଲାଗି ଚୀନ୍ ଏହି ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡ଼ିଛି । ଚୀନ୍‌ରେ ପୁଞ୍ଜିନିବେଶ ଉପରେ ମୁଖ୍ୟତଃ ଅର୍ଥନୀତି ନିର୍ଭର କରୁଥିବା ବେଳେ ଚଳିତ ବର୍ଷ ୧୩ ଟ୍ରିଲିୟନ୍ ଡଲାର୍ ଋଣରୁ ମୁକ୍ତି ପାଇବା ପାଇଁ ସଭରେନ୍ ବଣ୍ଡ

ଜାରି କରିବ । ସୂଚନା ଅନୁଯାୟୀ ଚୀନ୍‌ରେ ଘରୋଇ ଉତ୍ପାଦ ୪୦ ପ୍ରତିଶତରୁ କମ୍ ରହିଥିବା ବେଳେ ବିଶ୍ୱସ୍ତରରେ ଏହା ୨୦ ପ୍ରତିଶତରୁ କମ୍ ରହିଛି । ସେଠାକାର ଗଣମାଧ୍ୟମ ସୂଚନା ଅନୁଯାୟୀ ୨୦୨୪ରେ ୫ ପ୍ରତିଶତ ବିକାଶ ଲକ୍ଷ୍ୟ ହାସଲ ଲାଗି ଚୀନ୍‌ର ନେତାମାନେ ଚେଷ୍ଟା ଚଳାଇଛନ୍ତି ।

## ଆଇ.ଏମ୍.ଏଫ୍. – ପାକିସ୍ତାନ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଆଇ.ଏମ୍.ଏଫ୍. ପାକିସ୍ତାନକୁ ୭୦୦ କୋଟି ଟଙ୍କାର ଏକ ବେଲ୍ ଆଉଟ୍ ପ୍ୟାକେଜ୍‌କୁ ମଞ୍ଜୁରୀ ପ୍ରଦାନ କରିଛି । ପାକିସ୍ତାନର ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଏହି ପରିମାଣର ଅର୍ଥ ମଞ୍ଜୁର କରାଯାଇଛି । ପାକିସ୍ତାନରେ ମୁଦ୍ରାସ୍ଫିତି ବୃଦ୍ଧି ପାଉଥିବା ବେଳେ ବୈଦେଶିକ ପୁଞ୍ଜି ହ୍ରାସ ପାଉଛି । ଆଇ.ଏମ୍.ଏଫ୍.ର ଏହି ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଏକ ମାସ ମଧ୍ୟରେ ଏହି ଅର୍ଥର ପ୍ରଥମ କିସ୍ତି ପ୍ରଦାନ କରାଯିବ ।

ସୂଚନା ଅନୁଯାୟୀ ପାକିସ୍ତାନରେ ମୁଦ୍ରାସ୍ଫିତି ସଂକଟଜନକ ସ୍ଥିତିରେ ପହଞ୍ଚିଛି । ଗତମାସରେ ମୁଦ୍ରାସ୍ଫିତି ପରିମାଣ ୨୭ ପ୍ରତିଶତକୁ ହ୍ରାସ ପାଇବା ପରେ ସେଠାରେ ଲୋକମାନଙ୍କ ଜୀବନ ବହୁଳ ଭାବେ ପ୍ରଭାବିତ ହୋଇଥିବା କୁହାଯାଇଛି ।

## ଭାରତ-ଅଷ୍ଟ୍ରେଲିଆ ଅଣ୍ଡର ନାଇଣ୍ଟିନ୍ କ୍ରିକେଟ୍

ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ତୃତୀୟ ଯୁବ ଏକଦିବସୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୭ ରନ୍‌ରେ ପରାସ୍ତ କରି ୩-୦ରେ କ୍ରିକେଟ୍ ଶୃଙ୍ଖଳା ହାତେଇ ନେଇଛି । ଏହି ଶୃଙ୍ଖଳାର ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ଭାରତ ୭ ୱିକେଟ୍ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୯ ୱିକେଟ୍‌ରେ ବିଜୟ ହାସଲ କରିଥିଲା । ଗତକାଲିର ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୩୨୪ରନ୍ ସ୍କୋର କରିଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍‌ରେ ୩୧୭ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

## ଭାରତ-ବାଂଲାଦେଶ ଟେଷ୍ଟ ମ୍ୟାଚ୍

ଭାରତୀୟ କ୍ରିକେଟ୍ ଟିମ୍ ଆଜି କାନ୍‌ପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ବାଂଲାଦେଶ ବିପକ୍ଷରେ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଖେଳିବ । ପ୍ରଥମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବାଂଲାଦେଶକୁ ଖେଳର ଚତୁର୍ଥ ଦିନରେ ୨୮୦ରନ୍‌ରେ ପରାସ୍ତ କରି ଟେଷ୍ଟ ଶୃଙ୍ଖଳାରେ ୧-୦ରେ ଆଗରେ ରହିଛି । ବି.ସି.ସି.ଆଇ. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦ୍ୱିତୀୟ ଟେଷ୍ଟରେ ରୋହିତ ଶର୍ମା କ୍ୟାପ୍‌ଟେନ୍ ଭାବେ ଦାୟିତ୍ୱ ତୁଲାଇବେ । ଅନ୍ୟମାନଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ୍, ଶୁବମନ ଗିଲ୍, ବିରାଟ କୋହଲି, କେ.ଏଲ୍. ରାହୁଲ, ସରଫରାଜ ଖାନ୍, ରିଷଭ ପନ୍ଥ, ଧ୍ରୁବ ଜୁରେଲ୍, ଆର୍. ଅଶ୍ୱିନୀ, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ,

କୁଲଦୀପ ଯାଦବ, ମହମ୍ମଦ ଶିରାଜ, ଆକାଶଦୀପ, ଯଶପ୍ରୀତ ବୁମରା ଏବଂ ଯସ୍ ଦୟାଲ୍  ଖେଳିବେ ।